4/C

# ଓଡିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**No RDM-LAA-PURI-0004-2020/ 30841 R&DM, Dated 21 OCT 2020**

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, ପୁରୀ ଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- ନିର୍ବାହୀ ଯନ୍ତ୍ରୀ, ପୁରୀ (ରାସ୍ତା ଏବଂ ଗୃହ ) ଡିଭିଜନ, ପୁରୀ ।

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ପୁରୀଠାରେ ମୂଷା ନଦୀର ସଂପ୍ରସାରଣ ନିମନ୍ତେ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ : KARTABYA, Bhubaneswar an empanelled agency under Nabakrushna Choudhury Centre for Development Studies , Bhubaneswar

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା ;- Nabakrushna Choudhury Centre for Development Studies , Bhubaneswar ,Phone No. 0674,2300471, 2301094

୫. ପ୍ରକଳ୍ପ ପାଇଁ ପୁରୀ ଜିଲ୍ଲା ରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ ( ସରକାରୀ ଜମି) |
|---|---|---|---|---|
| ୧ | ପୁରୀ ସଦର | ସମଙ୍ଗ | ଏ.୨୪.୯୪୬ | ଏ.୩.୪୦୦ |
| ୨ | ପୁରୀ ସଦର | ମାଟିତୋଟା | ଏ.୧୦.୮୯୮ | ଏ.୦.୦୭୨ |
| ୩ | ପୁରୀ ସଦର | ମାର୍କଣ୍ଡେଶ୍ୱର ସାହି | ଏ.୧.୭୮୫ | ଏ.୫.୫୦୮ |
| ମୋଟ | | | ଏ.୩୭.୬୨୯ | ଏ.୮.୯୮୦ |
| | | | ଏ.୪୬.୬୦୯ | |

- ଏହି ଅଧିସୂଚନାରେ ଏ.୮.୯୮୦ ସରକାରୀ ଜମି ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ ନିମନ୍ତେ ଅନ୍ତର୍ଭୁକ୍ତ ହୋଇଅଛି।

ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି ।

a. ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ :- ପୁରୀ ଜିଲ୍ଲା ପୁରୀ ସଦର ତହସିଲ ଅନ୍ତର୍ଗତ ୩ ଗୋଟି ମୌଜା ରେ ଏ. ୪୬.୬୦୯ ପରିସୀମାରେ ମୂଷା ନଦୀର ସଂପ୍ରସାରଣ ନିମନ୍ତେ ନିର୍ବାହୀ ଯନ୍ତ୍ରି,ପୁରୀ (ରାସ୍ତା ଏବଂ ଗୃହ ) ଡିଭିଜନ, ପୁରୀ ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b. SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :- ପୁରୀ ଜିଲ୍ଲା ରେ ଉପରୋକ୍ତ ୩ ଗୋଟି ମୌଜା ରେ ଏକର ୩୭.୬୨୯ ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

c. SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ।

d. ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ? ସହମତି ଆବଶ୍ୟକ ।

e. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୪୫ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

(ଅଭୟ କୁମାର ନାୟକ)

ଅତିରିକ୍ତ ଶାସନ ସଚିବ